ନର୍ମଦା ପିଡି. ୟାଦବ

ବନାମ

ମଧ୍ୟପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 3, 2006

[ଡ଼ାଃ ଏଆର୍. ଲକ୍ଷ୍ମଣନ୍ ଏବଂ ତରୁଣ୍ ଚାଟାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପ୍ରତ୍ୟାବର୍ତ୍ତନ-- ପୋଲିସ୍ ହେଡ୍ କନେଷ୍ଟବଳଙ୍କ ନାମରେ ଅଭିଯୋଗ ହୋଇଛି ଯେ ସେ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବରେ ଅଟକ ରଖି ଏବଂ ତାଙ୍କ ଜିନିଷଗୁଡ଼ିକୁ ମୁକ୍ତ କରିବା ପାଇଁ ତାଙ୍କଠାରୁ ଟଙ୍କା ମାଗିବା --ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ହଟାଇ ଦେଇଛନ୍ତି-- ଅପିଲିୟ ପ୍ରାଧିକାରୀ ତାଙ୍କୁ ଦୁଇ ବର୍ଷ ପାଇଁ ପ୍ରତ୍ୟାବର୍ତ୍ତନ କରିଛନ୍ତି--ନିର୍ଣ୍ଣୟ ହୋଇଛି, ଏହା ମାମଲାରେ କୌଣସି ପ୍ରମାଣ ନାହିଁ --ଅଭିଯୋଗ ସ୍ଥାପିତ କରିବାକୁ କୌଣସି ଠୋସ୍ ପ୍ରମାଣ ନାହିଁ-- ଦଣ୍ଡାଦେଶକୁ ଅଗ୍ରାହ୍ୟ କରାଯାଇଛି।*

**ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବରେ ଅଟକ ରଖିବା ଏବଂ ତାଙ୍କ ଜିନିଷଗୁଡ଼ିକୁ ମୁକ୍ତ କରିବା ପାଇଁ ତାଙ୍କଠାରୁ ଲାଞ୍ଚ ମାଗିବା ଯୋଗୁଁ ଆବେଦନକାରୀ, ରାଜ୍ୟ ପୋଲିସର ଜଣେ ହେଡ୍ କନେଷ୍ଟବଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଶୃଙ୍ଖଳା କର୍ତ୍ତୃପକ୍ଷ ତାଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଅପିଲିୟ ପ୍ରାଧିକାରୀ ତାଙ୍କୁ ଦୁଇ ବର୍ଷ ପାଇଁ କନଷ୍ଟେବଳ ପଦବୀକୁ ଫେରାଇ ଦଣ୍ଡ ବଦଳାଇ ଦେଇଥିଲେ । ଏହି ଆଦେଶକୁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ ମଧ୍ୟ ସମର୍ଥନ କରିଥିଲେ । ବ୍ୟଥିତ ହୋଇ, ଦୋଷୀ, ବର୍ତ୍ତମାନର ଆବେଦନ ଦାଖଲ କରିଥିଲେ ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଆବେଦନକାରୀଙ୍କ ଦ୍ୱାରା ଲାଞ୍ଚ ଦାବି କିମ୍ବା ଏହାର ପ୍ରାପ୍ତି ସମ୍ପର୍କରେ କୌଣସି ପ୍ରମାଣ ନାହିଁ । ଉକ୍ତ ଅଭିଯୋଗକୁ ପ୍ରମାଣ କରିବା ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇ ନଥିଲା । ଏହା କୌଣସି ପ୍ରମାଣ ନଥିବା ଏକ ମାମଲା । ଏଭଳି ପରିସ୍ଥିତିରେ, ତାଙ୍କୁ ହେଡ୍ କନଷ୍ଟେବଳ ପଦରୁ କନଷ୍ଟେବଳ ପଦବୀକୁ ଅବନତି କରାଜିବା ଦଣ୍ଡ, ଆଦୌ ଗ୍ରହଣୀୟ ନୁହେଁ ଏବଂ ଅଗ୍ରାହ୍ୟ କରାଗଲା । ଦୁଇ ବର୍ଷର ପ୍ରତ୍ୟାବର୍ତ୍ତିତ ଅବଧିରେ, ଆବେଦନକାରୀ, ହେଡ୍ କନେଷ୍ଟବଳ ପଦବୀରେ କର୍ତ୍ତବ୍ୟରତ ଥିବା ସହିତ ଆନୁଷଙ୍ଗିକ ଲାଭ ପାଇଛନ୍ତି ବୋଲି ବିବେଚନା କରାଯିବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 4660/2006

ତା 16.9.2004 ରିଖରେ, ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ଇନ୍ଦୋର ଖଣ୍ଡପୀଠଙ୍କ ଡବ୍ଲ୍ୟୁ.ପି. ସଂଖ୍ୟା 1572/2002 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ, ଏହି ଆବେଦନ ଆସିଛି ।

ଏ. କେ. ଚିତାଲେ, ନୀରଜ ଶର୍ମା ଏବଂ ବିକ୍ରାନ୍ତ ଶର୍ମା, ଆବେଦନକାରୀ ପାଇଁ ।

ବି. ଏସ୍. ବନ୍ଥିଆ, ଉତ୍ତରଦାତାମାନଙ୍କ ପାଇଁ ।

କୋର୍ଟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡ଼ାଃ ଏଆର୍. ଲକ୍ଷ୍ମଣନଙ୍କ ଦ୍ୱାରା** । ବିଳମ୍ବକୁ କ୍ଷମା ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଆମେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏ. କେ. ଚିତାଲେ ଏବଂ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଶ୍ରୀ ବି. ଏସ୍. ବନ୍ଥିଆଙ୍କୁ ଶୁଣିଛୁ । ଆମେ ଆବେଦନକାରୀଙ୍କ ବିରୋଧରେ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଏବଂ ତଦନ୍ତ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ, ପୋଲିସ ମହାନିର୍ଦ୍ଦେଶକ, ଏମ. ପି. ପ୍ରଶାସନିକ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମଧ୍ୟ ଅନୁଧ୍ୟାନ କରିଛୁ ।

ଆବେଦନକାରୀଙ୍କ ବିରୋଧରେ ପ୍ରସ୍ତୁତ ହୋଇଥିବା ଅଭିଯୋଗ ନିମ୍ନରେ ଦିଆଗଲା:

> "25.1.1993 ରେ ଦେଶରାଜ ସିଂ ପାର୍ଥାରଙ୍କ ପୁଅ ଶ୍ରୀ ରାମ ସିଂଙ୍କୁ ବିନା କାରଣରେ ଅଟକ ରଖି, ତାଙ୍କ ଲାଇସେନ୍ସ, ସାଇକେଲ ଏବଂ 50/- ଟଙ୍କା ତାଙ୍କ ପାଖରେ ରଖିଥିଲେ ଏବଂ ଜିନିଷ ଫେରାଇବା ପାଇଁ 1000/-ଟଙ୍କା ଦାବି କରିଥିଲେ । ଏହିପରି ଭାବରେ ଆପଣ ନିଜ କର୍ତ୍ତବ୍ୟ ପ୍ରତି ଅତ୍ୟନ୍ତ ଅସମ୍ମାନ ପ୍ରଦର୍ଶନ କରିଛ ଏବଂ ଦୁର୍ନୀତିଗ୍ରସ୍ତ ଆଚରଣ ପ୍ରଦର୍ଶନ କରି ଆପଣ ନିଜକୁ ବିଭାଗ ପାଇଁ ଅନୁପଯୁକ୍ତ ବୋଲି ପ୍ରମାଣିତ କରିଛ ।"

ତଦନ୍ତ ଅଧିକାରୀଙ୍କ ରିପୋର୍ଟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡ଼ିବ ଯେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଦାବିକୁ ଏବଂ ଆବେଦନକାରୀଙ୍କ ଦ୍ୱାରା ହାତରେ ଟଙ୍କା ନେବା କଥା ପ୍ରମାଣ କରିବା ପାଇଁ କୌଣସି ସ୍ୱାଧୀନ ସାକ୍ଷୀଙ୍କୁ ଯାଞ୍ଚ କରାଯାଇ ନାହିଁ କିମ୍ବା ଦରଖାସ୍ତକାରୀଙ୍କୁ ଏକ ଅଧା ନିର୍ମିତ ଘରେ ଅଟକ ରଖିବାର କୌଣସି ପ୍ରମାଣ ନାହିଁ । ଯେତେବେଳେ ଏହି ମାମଲାକୁ ଆବେଦନ ରୂପରେ ପୋଲିସ ମହାନିର୍ଦ୍ଦେଶକଙ୍କ ସମ୍ମୁଖକୁ ଅଣାଯାଇଥିଲା, ସେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ବରଖାସ୍ତ ଦଣ୍ଡକୁ ହ୍ରାସ କରିଥିଲେ ଏବଂ ଅଭିଯୁକ୍ତକୁ ପୁନଃସ୍ଥାପିତ କରିଥିଲେ ଏବଂ ଆବେଦନକାରୀଙ୍କୁ ଦଣ୍ଡ ଆକାରରେ ଦୁଇ ବର୍ଷର ଅବଧି ପାଇଁ ହେଡ୍ କନେଷ୍ଟବଳ ପଦରୁ କନଷ୍ଟେବଳ ପଦବୀକୁ ଫେରାଇ ଦେଇଥିଲେ । ଉକ୍ତ ଦଣ୍ଡ ଲାଗୁ କରାଯିବା ବିରୋଧରେ ବ୍ୟଥିତ ହୋଇ, ଆବେଦନକାରୀ ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ ମୂଳ ଆବେଦନକୁ, ଓ. ଏ. ସଂଖ୍ୟା 875/G 1994 ଭାବରେ ଆଗତ କରିଥିଲେ, ଯାହାକୁ ଉପ-ଆରକ୍ଷୀ ମହାନିରୀକ୍ଷକ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ଲାଗୁ ହୋଇଥିବା ଦଣ୍ଡକୁ ନିଶ୍ଚିତ କରିଥିଲା ।

ଆବେଦନକାରୀ ଭାରତୀୟ ସମ୍ବିଧାନର ଧାରା 227 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେଇଥିଲେ । ଅନ୍ୟ ସମସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶକୁ ହାଇକୋର୍ଟ ନିଶ୍ଚିତ କରିଥିଲେ । ବ୍ୟଥିତ ହୋଇ, ଆବେଦନକାରୀ ଏହି ନ୍ୟାୟାଳୟରେ ଉପରୋକ୍ତ ଦେୱାନୀ ଆବେଦନକୁ ଆଗତ କରିଛନ୍ତି ।

ଆବେଦନକାରୀଙ୍କ ବିରୁଦ୍ଧରେ ପ୍ରସ୍ତୁତ ହୋଇଥିବା ଅଭିଯୋଗକୁ ଆମେ ଉପରୋକ୍ତ ପାରାରେ ପୁନଃ ଉତ୍ଥାପନ କରିଛୁ । ଆବେଦନକାରୀଙ୍କ ଦ୍ୱାରା 1,000/- ଟଙ୍କା ଲାଞ୍ଚ ଦାବି କରିବା କିମ୍ବା ତାହା ପ୍ରାପ୍ତ କରିବା ସମ୍ପର୍କରେ କୌଣସି ଠୋସ୍ ପ୍ରମାଣ ନାହିଁ ।ପ୍ରଶ୍ନରେ ଥିବା ଅଭିଯୋଗକୁ ପ୍ରମାଣ କରିବା ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇ ନଥିଲା । ଏଭଳି ପରିସ୍ଥିତିରେ, ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ତାଙ୍କୁ ହେଡ୍ କନଷ୍ଟେବଳ ପଦରୁ କନଷ୍ଟେବଳ ପଦବୀକୁ ଅବନତି କରିବାର ଦଣ୍ଡକୁ ଆଦୌ ଗ୍ରହଣ କରାଯାଇପାରିବ ନାହିଁ । ଆମ ମତରେ, ହାତରେ ଥିବା ମାମଲାଟି କୌଣସି ପ୍ରମାଣ ନଥିବା ଏକ ମାମଲା ଅଟେ । ଏହା ମଧ୍ୟ ଉଲ୍ଲେଖ କରିବା ଉଚିତ ଯେ, ଆବେଦନକାରୀଙ୍କ 21 ବର୍ଷର ନିଷ୍କଳଙ୍କ ସେବା ରେକର୍ଡ ଥିଲା ଏବଂ ଦଣ୍ଡ ପ୍ରଦାନ କରିବା ସମୟରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ କାରକକୁ ମଧ୍ୟ ବିଚାର କରାଯାଇ ନାହିଁ ।ତେଣୁ, ଆବେଦନକାରୀଙ୍କୁ ଦିଆଯାଇଥିବା ଦଣ୍ଡକୁ ରଦ୍ଦ କରିବାରେ ଏବଂ ଏହି ଆବେଦନକୁ ଅନୁମତି ଦେବାରେ ଆମର କୌଣସି ଦ୍ୱିଧା

ନାହିଁ । ଏଠାରେ ଉପରୋକ୍ତ ଦୁଇ ବର୍ଷର ଅବଧି ମଧ୍ୟରେ ଆବେଦନକାରୀ ହେଡ୍ କନେଷ୍ଟବଳ ଭାବେ କର୍ତ୍ତବ୍ୟରତ ଥିବା ବିବେଚନା କରାଯିବ ଏବଂ ଆବେଦନକାରୀ ଉକ୍ତ ଅବଧି ପାଇଁ ସମସ୍ତ ଆର୍ଥିକ ଲାଭ ପାଇବାକୁ ମଧ୍ୟ ହକଦାର ହେବେ ।

ଫଳସ୍ୱରୂପ, ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅଗ୍ରାହ୍ୟ କରାଗଲା । ଦେୱାନୀ ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି.

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।